# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 4 October - 2024
### News Editor : Tapan Kumar Moharana

************************************

## ମୁଖ୍ୟ ସମ୍ବାଦ

- ଆଧ୍ୟାତ୍ମିକତା ମାଧ୍ୟମରେ ବ୍ୟକ୍ତିଗତ ଜୀବନ ସହିତ ସମାଜ ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରିବ; କହିଲେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଭୁବନେଶ୍ୱର ବିମାନ ବନ୍ଦର ବୃଦ୍ଧି ପାଉଥିବା ଯାତ୍ରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଏକ ନୂଆ ଟର୍ମିନାଲ ନିର୍ମାଣ କରାଯିବ
- ଶ୍ରୀକ୍ଷେତ୍ର ପୁରୀରେ ଚଳିତବର୍ଷ ୨ ହଜାର ୫୦୦ ହବିଷ୍ୟାଳିଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ କରାଯିବ

ଏବଂ

- ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାର ପ୍ରକାଶ କଲେ ବିଜ୍ଞପ୍ତି

# ରାଷ୍ଟ୍ରପତି-ରାଜସ୍ଥାନ ଗସ୍ତ

ଆଧ୍ୟାତ୍ମିକତା ମାଧ୍ୟମରେ ବ୍ୟକ୍ତିଗତ ଜୀବନ ସହିତ ସମାଜ ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଜସ୍ଥାନର ଆବୁରୋଡ୍‌ସ୍ଥିତ ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ବିଶ୍ୱର ଅନେକ ସ୍ଥାନରେ ଅଶାନ୍ତି ଲାଗି ରହିଥିବା ବେଳେ ମାନବିକ ମୂଲ୍ୟବୋଧ ହ୍ରାସ ପାଉଛି । ଶାନ୍ତି ଓ ଏକତାର ଗୁରୁତ୍ୱକୁ ଉପଲବ୍ଧି କରିବାର ସମୟ ଆସିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ସ୍ୱଚ୍ଛ ଏବଂ ସୁସ୍ଥ ସମାଜ ପାଇଁ ଆଧ୍ୟାତ୍ମିକତା ସମ୍ବନ୍ଧୀୟ ବିଶ୍ୱ ଶିଖର ସମ୍ମିଳନୀର ଉଦ୍‌ବୋଧନ ଦେଇ ଶ୍ରୀମତୀ ମୁର୍ମୁ କହିଛନ୍ତି, ବିଶ୍ୱରେ ବଢୁଥିବା ଉତ୍ତାପ ଏବଂ ପରିବେଶ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ମନୁଷ୍ୟ ଓ ପ୍ରାଣୀଜଗତ ଉପରେ ପଡୁଛି। ମା'ଙ୍କ ନାମରେ ଚାରାରୋପଣ ପାଇଁ ଭାରତ ସରକାରଙ୍କ ଅଭିଯାନରେ ସାମିଲ ହେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

# ଟର୍ମିନାଲ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ଟର୍ମିନାଲର ନିର୍ମାଣ

କରାଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ କହିଛନ୍ତି।

ଆସନ୍ତା ଦୁଇବର୍ଷ ମଧ୍ୟରେ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଶେଷ ହେବ ଭୁବନେଶ୍ୱରରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ କହିଛନ୍ତି। ଭୁବନେଶ୍ୱର ବିମାନବନ୍ଦର ଦେଶରେ ୨୦ଟି ସହର ଓ ୪ଟି ଅନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳକୁ ଯୋଡିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛଇ। ଶ୍ରୀ ନାଇଡୁ କହିଛନ୍ତି, ଭୁବନେଶ୍ୱର ବିମାନବନ୍ଦରକୁ ବାର୍ଷିକ ପ୍ରାୟ ୪୦ ଲକ୍ଷ ଯାତ୍ରୀ ଯିବାଆସିବା କରିଥାନ୍ତି। ବିମାନବନ୍ଦରର ଯାତ୍ରୀସଂଖ୍ୟା ୮୦ ଲକ୍ଷ ପାଇଁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନୂଆ ଟର୍ମିନାଲର ବ୍ୟବସ୍ଥା କରୁଛନ୍ତି ବୋଲି ସେ କହିଛନ୍ତି।

## କ୍ୟାବିନେଟ୍-ତୈଳବୀଜ ଅନୁମୋଦନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଘରୋଇ ତୈଳବୀଜ ଉତ୍ପାଦନ ବୃଦ୍ଧି ଏବଂ ଖାଇବା ତେଲରେ ଆତ୍ମନିର୍ଭରଶୀଳତା ହାସଲ କରିବା ଉଦ୍ଦେଶ୍ୟରେ ଏକ ଜାତୀୟ ମିଶନକୁ ଅନୁମୋଦନ କରାଯାଇଛି। ଆର୍ଥିକବର୍ଷ ୨୦୨୪-୨୫ ରୁ ୨୦୩୦-୩୧ ମସିହା ପର୍ଯ୍ୟନ୍ତ ୭ ବର୍ଷ ମଧ୍ୟରେ ୧୦ ହଜାର ୧୦୩ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ କରାଯିବା ସହ ଏହି ମିଶନ କାର୍ଯ୍ୟକାରୀ ହେବ।

## ପରିକ୍ରମା ପ୍ରକଳ୍ପ ଚାଉଳ ନିଲାମ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ସଂଗୃହୀତ ହୋଇଥିବା ଅର୍ପଣ ଚାଉଳ ମଧ୍ୟରୁ ଗଚ୍ଛିତ ଥିବା ୧୦ ହଜାର ୩୨୨ କୁଇଣ୍ଟାଲ ଚାଉଳର ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଗତକାଲି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ୫ ଜଣ ମିଲର ଭାଗ ନେଇଥିଲେ। ପ୍ରାୟ ୨ କୋଟି ୮୬ ଲକ୍ଷ ୯୬ ହଜାର ୨୪୪ ଟଙ୍କା ମୂଲ୍ୟର ସମୁଦାୟ ଚାଉଳ ନିଲାମ ହୋଇଥିବା ଜଣାପଡିଛି। ନିଲାମ ଅର୍ଥ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

## ଦୁର୍ଗାପୂଜା-ରଥଯାତ୍ରା

ଆଶ୍ୱିନମାସ ଶୁକ୍ଲପକ୍ଷ ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ରୀ ପୂଜା। ରାଜ୍ୟର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ବିରଜାଙ୍କର ଏହି ପୂଜାରେ ରଥଯାତ୍ରା ଏକ ନିଆରା ପରମ୍ପରା ବହନ କରିଥାଏ। ଏହି ରଥଯାତ୍ରାକୁ ନେଇ ଆମ ସମ୍ବାଦଦାତା ପ୍ରିୟରଞ୍ଜନ କରଙ୍କ ରିପୋର୍ଟ....

**- V/O –**

## ହବିଷ୍ୟାଳୀ ପଞ୍ଜୀକରଣ

ଚଳିତବର୍ଷ ଶ୍ରୀକ୍ଷେତ୍ର ପୁରୀରେ ହବିଷ୍ୟାଳିମାନଙ୍କ ପାଇଁ ହବିଷ୍ୟାଳି ଯୋଜନାରେ ୨ ହଜାର ୫୦୦ ଜଣଙ୍କୁ ପଞ୍ଜୀକରଣ କରାଯିବ। ଆସନ୍ତା ରବିବାରଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଚାଲିବ। ଏହି ଯୋଜନାରେ ନାମ ପଞ୍ଜୀକରଣ କରିବାକୁଥିବା ହବିଷ୍ୟାଳିମାନେ redistrict.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ସ୍ପଟ୍ ପଞ୍ଜୀକରଣ ଚଳିତବର୍ଷ ହେବ ନାହିଁ। ହବିଷ୍ୟାଳୀମାନଙ୍କ ରହିବା ପାଇଁ ୪ଟି ଶିବିର ଏବଂ ମାଗଣାରେ ମହାପ୍ରସାଦର ବ୍ୟବସ୍ଥା କରାଯାଇଛି।

## ଅଗ୍ନିବୀର ନିଯୁକ୍ତି

ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୟୁନିଫର୍ମ ସେବାରେ ସଂରକ୍ଷଣ ଓ ବୟସସୀମାରେ କୋହଲ ସଂପର୍କିତ ତଥ୍ୟ ବିଜ୍ଞାପନରେ ପ୍ରକାଶ ପାଇଛି। ଅଗ୍ନିବୀରଙ୍କ ପାଇଁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ସଂରକ୍ଷଣ ରହିବ। ତୃତୀୟ ଓ ଚତୁର୍ଥ ଶ୍ରେଣୀର ପଦବୀରେ ନିର୍ଦ୍ଧାରିତ ବୟସସୀମା ୩ ବର୍ଷ କୋହଲ ରହିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାକୁ ପଡିବ ନାହିଁ।

## ହସ୍ତଶିଳ୍ପ ପ୍ରଦର୍ଶନୀ

କଟକ ବାଲିଯାତ୍ରା ଉପର ପଡିଆଠାରେ ଆଜିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ-ଗାନ୍ଧି ଶିଳ୍ପ ବଜାର ଖୋଲିଛି। ପ୍ରଦର୍ଶନୀରେ

୭୦ଟି ଷ୍ଟଲ୍ ଲଗାଯାଇଛି । ବିଭିନ୍ନ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ପ୍ରସ୍ତୁତ ସାମଗ୍ରୀ ବିକ୍ରି କରାଯାଉଛି ।

## ଦିଶା ବୈଠକ

**ନୟାଗଡ଼** ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକରେ ଆଜି କଟକ ସାଂସଦ ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରିଛନ୍ତି । ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଓଡ଼ିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ପ୍ରମୁଖ ଉପସ୍ଥିତିରେ ବୈଠକରେ ପ୍ରଧାନମନ୍ତ୍ରୀ ଫସଲବୀମା ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ୨୮ ହଜାର ୮୩୩ ପରିବାର ଫସଲବୀମା ଯୋଜନାରେ ସାମିଲ ହୋଇଥିବାବେଳେ ଚଳିତ ବର୍ଷ ଜିଲ୍ଲାରେ ୩୨ ହଜାର ୬୦୧ଟି  କୃଷକ ପରିବାର ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ବିଶ୍ୱକର୍ମା ଯୋଜନାରେ ଅଧିକ ସଂଖ୍ୟକ ଯୁବପୀଢ଼ିଙ୍କୁ ତାଲିମ ଦିଆଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ବନ୍ଦ ଡାକରା

ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀଗୁଡିକୁ ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି ନେଇ ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରେ ୧୨ ଘଣ୍ଟିଆ ବନ୍ଦ ଚାଲିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଜିଲ୍ଲାଗୁଡ଼ିକରେ ଯାନବାହାନ ଚଳାଚଳ, ଦୋକାନ ବଜାର, ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ  ରହିଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ବଡ଼ଓଷା

କଟକସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ଓ ପଞ୍ଚୁକ ଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ପ୍ରଭୁଙ୍କ ସୁବ୍ୟବସ୍ଥିତ ନୀତିକାନ୍ତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚୁକ ଓ ବଡ଼ଓଷା ପାଳନ କରାଯିବ ।

******************************